# NATIONAL NEWS BULLETIN (ODIA)
## 28th August - 2025
## Morning Bulletin : 7.15 a.m.

********************************

ଆକାଶବାଣୀ.....   ସମ୍ବାଦ ପଢୁଛନ୍ତି.....   **ସତ୍ୟବ୍ରତ ବେହୁରା**

## ମୁଖ୍ୟ ସମ୍ବାଦ

- ପଞ୍ଚଦଶ ଭାରତ-ଜାପାନ ବାର୍ଷିକ ସମ୍ମିଳନୀରେ ଯୋଗଦେବା ଲାଗି ଆଜି ଜାପାନ ଗସ୍ତ କରିବେ ପ୍ରଧାନମନ୍ତ୍ରୀ ।

- ବିଶ୍ୱର ବୃହତ୍ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଯୋଜନା ପି.ଏମ୍. ଜନଧନକୁ ଆଜି ପୂରିଲା ୧୧ ବର୍ଷ ।

- ଆତ୍ମନିର୍ଭରଶୀଳତାପାଇଁ ସ୍ୱେଚ୍ଛାକୃତ ଭାବେ ଆନ୍ତର୍ଜାତିକ ବାଣିଜ୍ୟ ଉପରେ ଗୁରୁତ୍ୱାରୋପ କରିଛନ୍ତି ଆର୍.ଏସ୍.ଏସ୍. ମୁଖ୍ୟ ମୋହନ ଭାଗବତ୍ ।

- ଦେଶର ସମସ୍ତ ବିଦ୍ୟାଳୟରେ ୫ରୁ ୧୫ ବର୍ଷ ବୟସ ବର୍ଗର୍ ପିଲାଙ୍କ ବାୟୋମେଟ୍ରିକ୍ ଅପ୍‌ଡେଟ୍ ଲାଗି ଆଧାର କର୍ତ୍ତୃପକ୍ଷଙ୍କ ପରାମର୍ଶ ।

ଏବଂ

- ବିଶ୍ୱ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନ୍‌ସିପ୍‌ର ୧୬ତମ ପର୍ଯ୍ୟାୟକୁ ପି.ଭି. ସିନ୍ଧୁ ଉନ୍ନୀତ ।

## ପି.ଏମ୍. - ଜାପାନ ଭିଜିଟ୍

ପଞ୍ଚଦଶ ଭାରତ-ଜାପାନ ବାର୍ଷିକ ସମ୍ମିଳନୀରେ ଯୋଗଦେବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଜାପାନ ଗସ୍ତ କରିବେ । ଜାପାନକୁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କ ଏହା ଅଷ୍ଟମ ଗସ୍ତ ଏବଂ ତାଙ୍କର ଜାପାନ ପ୍ରତିପକ୍ଷ ଶିଗେରୁ ଇଶିବାଙ୍କ ସହ ପ୍ରଥମ ସମ୍ମିଳନୀ ହେବ । ବୈଦେଶିକ ମନ୍ତ୍ରଣାଳୟ ସୂଚନା ଅନୁଯାୟୀ, ଶ୍ରୀ ମୋଦିଙ୍କ ଗସ୍ତକାଳରେ ଦୁଇ ପ୍ରଧାନମନ୍ତ୍ରୀ ସ୍ୱତନ୍ତ୍ର ରଣନୈତିକ ଏବଂ ବିଶ୍ୱ ଭାଗିଦାରିତା ନେଇ ଉଭୟ ଦେଶର ଭୂମିକା ଉପରେ ସମୀକ୍ଷା କରିବେ । ସମୀକ୍ଷାରେ ପ୍ରତିରକ୍ଷା ଓ ସୁରକ୍ଷା, ବାଣିଜ୍ୟ ଓ ଅର୍ଥନୀତି, ପ୍ରଯୁକ୍ତିବିଦ୍ୟା ଓ ନବସୃଜନଶୀଳତା ଏବଂ ଲୋକମାନଙ୍କ ମଧ୍ୟରେ ଭାବ ଆଦାନ ପ୍ରଦାନ ନେଇ ଆଲୋଚନା ହେବ । ଉଭୟ ନେତା ଆଞ୍ଚଳିକ ତଥା ବିଶ୍ୱ ସ୍ତରରେ ଗୁରୁତ୍ୱ ରଖୁଥିବା ପ୍ରସଙ୍ଗ ଉପରେ ମତ ବିନିମୟ କରିବେ । ଉଭୟ ଦେଶ ମଧ୍ୟରେ ଥିବା ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କକୁ ଶ୍ରୀ ମୋଦିଙ୍କ ଗସ୍ତ ଆହୁରି ଦୃଢ଼ କରିବ ବୋଲି ଆଶା କରାଯାଉଛି ।

ଜାପାନରେ ଅବସ୍ଥାପିତ ଭାରତର ରାଷ୍ଟ୍ରଦୂତ ସିବି ଜର୍ଜ ଆକାଶବାଣୀକୁ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ଜାପାନ ଗସ୍ତ ଉଭୟ ଦେଶ ମଧ୍ୟରେ ସହଯୋଗର ନୂତନ ଦ୍ୱାର ଉନ୍ମୁକ୍ତ କରିବ । ବିଶେଷକରି ଭାରତ-ଜାପାନ ସ୍ୱତନ୍ତ୍ର ରଣନୈତିକ ଓ ବିଶ୍ୱ ସହଯୋଗକୁ ଏହା ନୂତନ ଦିଗ ଦେବ ବୋଲି ସେ କହିଛନ୍ତି ।

***Voice (Jaya Bharati)*** :..........

ଗସ୍ତର ଦ୍ୱିତୀୟ ପର୍ଯ୍ୟାୟରେ ଅଗଷ୍ଟ ୩୧ରୁ ସେପ୍ଟେମ୍ବର ୧ ତାରିଖ ପର୍ଯ୍ୟନ୍ତ ଶ୍ରୀ ମୋଦି ଚୀନ ଗସ୍ତ କରି ତିଆନ୍‌ଜିନ୍‌ଠାରେ ଚୀନ୍ ରାଷ୍ଟ୍ରପତି ଷି ଜିନ୍‌ପିଙ୍ଗ୍‌ଙ୍କ ନିମନ୍ତ୍ରଣକ୍ରମେ ସାଙ୍ଘାଇ ସହଯୋଗ ସଙ୍ଗଠନ ବୈଠକରେ ଯୋଗଦେବେ । ଏଥିରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ବିଭିନ୍ନ ଦେଶର ନେତାଙ୍କ ସହ ଅନେକଗୁଡ଼ିଏ ଦ୍ୱିପାକ୍ଷିକ ବୈଠକ କରିବାର କାର୍ଯ୍ୟସୂଚୀ ରହିଛି ।

ଭାରତ ୨୦୧୭ ପରଠାରୁ ସାଙ୍ଘାଇ ସହଯୋଗ ସଙ୍ଗଠନର ସଦସ୍ୟ ଥିବାବେଳେ ୨୦୨୨-୨୩ ବର୍ଷରେ ସଙ୍ଗଠନର ମୁଖ୍ୟ ଦାୟିତ୍ୱ ତୁଲାଇଥିଲା ।

# ପି.ଏମ୍.ଜେ.ଡି.ୱାଇ- ୧୧ ବର୍ଷ

ପ୍ରଧାନମନ୍ତ୍ରୀ ଜନଧନ ଯୋଜନାକୁ ଆଜି ୧୧ ବର୍ଷ ପୂରଣ ହେଉଛି । ବିଶ୍ୱର ଏକ ପ୍ରମୁଖ ଅର୍ଥନୈତିକ ଅନ୍ତର୍ଭୁକ୍ତୀକରଣ ପଦକ୍ଷେପ ଭାବେ ଏହି ଯୋଜନାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦିଲ୍ଲୀର ଲାଲ୍‌କିଲ୍ଲାରୁ ୨୦୧୪

ମସିହା ଅଗଷ୍ଟ ୧୫ରେ ଘୋଷଣା କରିଥିଲେ । ସେହିବର୍ଷ ଅଗଷ୍ଟ ୨୮ ତାରିଖରେ ଜନଧନ ଯୋଜନାର ଶୁଭାରମ୍ଭ କରି ପ୍ରଧାନମନ୍ତ୍ରୀ କହିଥିଲେ, ଗରିବ ଶ୍ରେଣୀର ଲୋକଙ୍କୁ ଅର୍ଥନୈତିକ କାର୍ଯ୍ୟକଳାପରେ ଅନ୍ତର୍ଭୁକ୍ତ କରିବା କ୍ଷେତ୍ରରେ ଏହା ଏକ ବଳିଷ୍ଠ ପଦକ୍ଷେପ ।

***Voice (P.M. Jandhan)*** :........

ଏହି ଯୋଜନାରେ ଦେଶର ସମସ୍ତଙ୍କୁ ଆର୍ଥିକ କାର୍ଯ୍ୟକଳାପରେ ସାମିଲ୍ କରିବା ସହ ବ୍ୟାଙ୍କସେବା ଯୋଗାଇ ଦିଆଯାଇପାରିଛି । ଜନଧନ ଆକାଉଣ୍ଟ ଜରିଆରେ ଲୋକମାନଙ୍କୁ ଋଣ ପ୍ରଦାନ ସହ ବୀମା ଏବଂ ପେନ୍‌ସନ୍ ମଧ୍ୟ ଯୋଗାଇ ଦିଆଯାଉଛି । ପ୍ରତ୍ୟେକ ପରିବାରକୁ ନିଶ୍ଚିତ ଭାବେ ବ୍ୟାଙ୍କ୍‌ସେବା ସହ ଯୋଡ଼ିବା, ଅର୍ଥନୈତିକ ସାକ୍ଷରତା ପ୍ରଦାନ କରିବା ଭଳି ଉଦ୍ଦେଶ୍ୟକୁ ସାକାର କରାଯାଇଥିବା କୁହାଯାଇଛି ।

ଏହି ଆକାଉଣ୍ଟ ଜରିଆରେ ରୁପେ ଡେବିଟ୍ କାର୍ଡ଼ ପ୍ରଦାନ କରାଯାଇଛି । କୌଣସି ନିର୍ଦ୍ଦିଷ୍ଟ ପରିମାଣର ଅର୍ଥ ଉପଯୋଗ ନ କରି ଯେକୌଣସି ବ୍ୟାଙ୍କ୍ ଶାଖାରେ ଏହି ଆକାଉଣ୍ଟ ଖୋଲାଯାଉଥିବା ବ୍ୟବସ୍ଥା ରହିଛି । ସୂଚନା ଅନୁଯାୟୀ, ଏହି ଯୋଜନା ଅଧୀନରେ ଏପର୍ଯ୍ୟନ୍ତ ୫୬ କୋଟି ୨୧ ଲକ୍ଷ ହିତାଧିକାରୀଙ୍କୁ ୨୬୫ ହଜାର ୫୦୩ କୋଟିରୁ ଅଧିକ ଟଙ୍କାର ଲାଭ ପ୍ରଦାନ କରାଯାଇଛି ।

## ଆର୍.ଏସ୍.ଏସ୍. ଚିଫ୍

ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ମୁଖ୍ୟ ମୋହନ ଭାଗବତ୍ କହିଛନ୍ତି, ଆତ୍ମନିର୍ଭରଶୀଳତା ପାଇଁ ଅନ୍ତର୍ଜାତୀୟ ବାଣିଜ୍ୟ ସ୍ୱେଚ୍ଛାକୃତ ଭାବେ ହେବା ଉଚିତ । ସେ କହିଛନ୍ତି, କୌଣସି ଚାପରେ ମୁଣ୍ଡ ନୁଆଇଁ ଏହାକୁ ଗ୍ରହଣ କରାଯିବା ଉଚିତ ନୁହେଁ । ନୂଆଦିଲ୍ଲୀରେ ଗତ ସନ୍ଧ୍ୟାରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଶତବାର୍ଷିକୀ ପାଳନପାଇଁ ଏକ ବକ୍ତୃତାମାଳାକୁ ସମ୍ବୋଧନ କରି ଶ୍ରୀ ଭାଗବତ୍ କହିଛନ୍ତି, ଆତ୍ମନିର୍ଭରଶୀଳତା ସମସ୍ତ ପ୍ରସଙ୍ଗର ଚାବିକାଠି । ସେ ଏହି ଅବସରରେ ସ୍ୱଦେଶୀ ଉତ୍ପାଦଗୁଡ଼ିକୁ ପ୍ରାଥମିକତା ଦେବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି । ସେ କହିଛନ୍ତି, ସ୍ୱଦେଶୀର ପ୍ରକୃତ ଆତ୍ମା ହେଉଛି, ଚାପରେ ନୁହେଁ; ବରଂ ଦେଶର ନୀତିକୁ ଅଗ୍ରାଧିକାର ଦେବା । ଆତ୍ମନିର୍ଭରଶୀଳ ହେବାପାଇଁ ଆମଦାନୀ ବନ୍ଦ କରିବା ଆବଶ୍ୟକ ନୁହେଁ ବୋଲି ସେ କହିଛନ୍ତି । କିନ୍ତୁ ଏଥିରେ କୌଣସି ଚାପ ରହିବା ଉଚିତ ନୁହେଁ ବୋଲି ସେ ଗୁରୁତ୍ୱାରୋପ କରିଛନ୍ତି ।

## ପି.ଏମ୍. - ଫିନ୍‌ଲାଣ୍ଡ

ଫିନ୍‌ଲାଣ୍ଡ ରାଷ୍ଟ୍ରପତି ଆଲେକ୍‌ଜାଣ୍ଡାର ଷ୍ଟବ୍‌ଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତସନ୍ଧ୍ୟାରେ ଟେଲିଫୋନ୍ ଯୋଗେ ବାର୍ତ୍ତାଳାପ କରିଛନ୍ତି । ସାମାଜିକ

ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦି କହିଛନ୍ତି, ୟୁରୋପୀୟ ସଂଘର ଫିନ୍‌ଲାଣ୍ଡ ହେଉଛି ଏକ ପ୍ରକୃତ ସହଭାଗୀ । ଉଭୟ ନେତା ବାର୍ତ୍ତାଳାପ ସମୟରେ ବାଣିଜ୍ୟ, ପ୍ରଯୁକ୍ତିବିଦ୍ୟା ଏବଂ ସମାବେଶୀ ବିକାଶ କ୍ଷେତ୍ରରେ ଉଭୟ ଦେଶ ମଧ୍ୟରେ ସହଯୋଗ ଆହୁରି ସୁଦୃଢ଼ କରିବା ଲାଗି ଆଲୋଚନା କରିଥିବା ଜଣାପଡ଼ିଛି । ୟୁକ୍ରେନ୍ ସଂଘର୍ଷର ଶାନ୍ତିପୂର୍ଣ୍ଣ ସମାଧାନ ଲାଗି ଉଭୟ ନେତା ପ୍ରତିବଦ୍ଧତା ଦୋହରାଇଛନ୍ତି ।

## ୟୁ.ଆଇ.ଡି.ଏ.ଆଇ. - ସ୍କୁଲ୍ ବାୟୋମେଟ୍ରିକ୍

ଭାରତୀୟ ଏକକ ପରିଚୟ ପ୍ରାଧିକରଣ - ୟୁ.ଆଇ.ଡି.ଏ.ଆଇ. ଦେଶର ସମସ୍ତ ବିଦ୍ୟାଳୟକୁ ୫ରୁ ୧୫ ବର୍ଷ ବୟସବର୍ଗର ପିଲାମାନଙ୍କ ପାଇଁ ସମୟାନୁସାରେ ବାୟୋମେଟ୍ରିକ୍ ଅପ୍‌ଡେଟ୍ କରିବାଲାଗି କହିଛି । କେନ୍ଦ୍ର ଇଲେକ୍‌ଟ୍ରୋନିକ୍ସ ଏବଂ ସୂଚନା ଓ ପ୍ରଯୁକ୍ତି ମନ୍ତ୍ରଣାଳୟରୁ ମିଳିଥିବା ସୂଚନା ଅନୁଯାୟୀ ୟୁ.ଆଇ.ଡି.ଏ.ଆଇ. ମୁଖ୍ୟ ନିର୍ବାହୀ ଅଧିକାରୀ ଭୁବନେଶ କୁମାର ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ଶାସନ ସଚିବଙ୍କ ନିକଟକୁ ପତ୍ର ଲେଖି ଏ ସମ୍ପର୍କରେ ଅବଗତ କରାଇଛନ୍ତି । ମନ୍ତ୍ରଣାଳୟ କହିଛି, ୟୁ.ଆଇ.ଡି.ଏ.ଆଇ. ଏବଂ ଶିକ୍ଷା ମନ୍ତ୍ରଣାଳୟ ପ୍ରାୟ ୧୭ କୋଟି ପିଲାଙ୍କ ଆଧାର ବାୟୋମେଟ୍ରିକ୍ ଅପ୍‌ଡେଟ୍ କରିବା ଲାଗି ପରାମର୍ଶ ଦେଇଛି ।

## ଛତିଶଗଡ଼ - ମାଓଇଷ୍ଟ

ଛତିଶଗଡ଼ର ବିଜାପୁର ଜିଲ୍ଲାରେ ଗତକାଲି ୩୦ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି । ପୁଲିସ ଅଧୀକ୍ଷକ ଜିତେନ୍ଦ୍ର ଯାଦବ କହିଛନ୍ତି, ସେମାନଙ୍କ ମଧ୍ୟରୁ ୨୦ ଜଣ ମାଓବାଦୀଙ୍କ ଉପରେ ୮୧ ଲକ୍ଷ ଟଙ୍କା ପୁରସ୍କାର ଅର୍ଥରାଶି ଘୋଷଣା କରାଯାଇଥିଲା । ଆତ୍ମସମର୍ପଣ କରିଥିବା ମାଓବାଦୀମାନେ ବିଭିନ୍ନ ଘଟଣାରେ ସମ୍ପୃକ୍ତ ଥିବା ଜଣାପଡ଼ିଛି । ରାଜ୍ୟ ସରକାରଙ୍କ ଥଇଥାନ ନୀତି ଅନୁଯାୟୀ ଆତ୍ମସମର୍ପଣ କରିଥିବା ମାଓବାଦୀମାନଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିବା ଆରକ୍ଷୀ ଅଧୀକ୍ଷକ ଜିତେନ୍ଦ୍ର ଯାଦବ କହିଛନ୍ତି ।

***Voice (jitendra)*** :.......

## ଆଇ.ଏ.ଏଫ୍. ରେସ୍କ୍ୟୁ ମିଶନ

ଜମ୍ମୁ ଏବଂ ପଞ୍ଜାବର ଉତ୍ତରାଞ୍ଚଳରେ ଦେଖାଦେଇଥିବା ପ୍ରଳୟଙ୍କରୀ ବନ୍ୟାର ମୁକାବିଲା ଲାଗି ଭାରତୀୟ ବାୟୁସେନା ପକ୍ଷରୁ ସ୍ୱତନ୍ତ୍ର ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ଆରମ୍ଭ କରାଯାଇଛି । ପ୍ରତିରକ୍ଷା ମନ୍ତ୍ରଣାଳୟ ସୂଚନା

ଅନୁଯାୟୀ, ବାୟୁସେନା ପକ୍ଷରୁ ପ୍ରଭାବିତ ଅଞ୍ଚଳଗୁଡ଼ିକରେ ହେଲିକପ୍ଟର ସମେତ ଜିନିଷ ନେବାଆଣିବା ଲାଗି ସ୍ୱତନ୍ତ୍ର ପରିବହନ ହେଲିକପ୍ଟର ଏବଂ ଅନ୍ୟାନ୍ୟ ଉପକରଣ ମୁତୟନ କରାଯାଇଛି । ଜମ୍ମୁର ଅଖନୁର ଅଞ୍ଚଳ ସମେତ ପଞ୍ଜାବର ପଠାନ୍‌କୋଟ୍ ଏବଂ ଡେରାବାବା ନାନକ ଅଞ୍ଚଳରେ ସେନା ଯବାନମାନେ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି । ଯେକୌଣସି ପ୍ରକାର ପରିସ୍ଥିତିର ମୁକାବିଲା ଲାଗି ବାୟୁସେନା ପ୍ରସ୍ତୁତ ରହିଥିବା ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି ।

## ଏନ୍.ଡି.ଆର୍.ଏଫ୍. ଅପରେସନ ଇନ୍ ଏଚ୍.ପି.

ହିମାଚଳ ପ୍ରଦେଶରେ ଖରାପ ପାଗ ସତ୍ତ୍ୱେ ଗତ ଦୁଇଦିନ ମଧ୍ୟରେ ୩ ହଜାର ୭୦୦ରୁ ଅଧିକ ଲୋକଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଛି । କାଙ୍ଗ୍ରା ଏବଂ ଚମ୍ବା ଜିଲ୍ଲାରେ ଜାତୀୟ ବିପର୍ଯ୍ୟୟ ମୁକାବିଲା ବାହିନୀ - ଏନ୍.ଡି.ଆର୍.ଏଫ୍. ବ୍ୟାପକ ଭାବରେ ଉଦ୍ଧାର କାର୍ଯ୍ୟ କରୁଛି । ଅଗଷ୍ଟ ୨୬ ଏବଂ ୨୭ ତାରିଖରେ କାଙ୍ଗ୍ରା ଜିଲ୍ଲାରେ ବ୍ୟାସ ନଦୀର ବନ୍ୟାଜଳ ଆର୍ନି ବିଶ୍ୱବିଦ୍ୟାଳୟ ପରିସର ଦେଇ ପ୍ରବାହିତ ହୋଇଥିବାବେଳେ ୪୧୨ ଜଣ ଛାତ୍ରଛାତ୍ରୀ ଏବଂ ୧୫ ଜଣ କର୍ମଚାରୀଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଥିଲା । ବିଶ୍ୱବିଦ୍ୟାଳୟ ପରିସରରୁ ଅନ୍ୟ ୨୬ ଜଣଙ୍କୁ ଏନ୍.ଡି.ଆର୍.ଏଫ୍. ଉଦ୍ଧାର

କରିଥିଲା । ବ୍ୟାପକ ବନ୍ୟା ମଧ୍ୟରେ ଇନ୍ଦୋରା ସବ୍‌ଡିଭିଜନ ଅନ୍ତର୍ଗତ ମନ୍ଦ୍ ଏବଂ ସନୌର ଅଞ୍ଚଳରୁ ମଧ୍ୟ ୧୫ ଜଣଙ୍କୁ ଉଦ୍ଧାର କରାଯାଇଛି । ଚାମ୍ବା ଜିଲ୍ଲାରେ ଅଗଷ୍ଟ ୨୭ ତାରିଖରୁ ଉଦ୍ଧାର କାର୍ଯ୍ୟ ଚାଲିଥିବାବେଳେ ଏକ ଅସ୍ଥାୟୀ ପାଦଚଲା ପୋଲ ନିର୍ମାଣ କରାଯାଇ ଶ୍ରଦ୍ଧାଳୁମାନଙ୍କୁ ସୁରକ୍ଷିତ ଭାବେ ପହଞ୍ଚାଯାଉଛି । ଅନ୍ୟପକ୍ଷରେ ୩ ହଜାର ୨ ଶହ ଅଣସ୍ତରି ଜଣ ତୀର୍ଥଯାତ୍ରୀଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଥିବା ଆମ ସମ୍ବାଦଦାତା ଜଣାଇଛନ୍ତି ।

## ବ୍ୟାଡ୍‌ମିଣ୍ଟନ୍ - ୱାର୍ଲଡ୍ ଚାମ୍ପିୟନ୍‌ସିପ୍

ପ୍ୟାରିସ୍‌ରେ ଅନୁଷ୍ଠିତ ବ୍ୟାଡ୍‌ମିଣ୍ଟନ ବିଶ୍ୱ ଚାମ୍ପିୟନ୍‌ସିପ୍‌ରେ ପୁରୁଷ ଡବଲ୍‌ସ ଯୋଡ଼ି ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଏବଂ ଚିରାଗ ସେଟ୍ଟି ଓ ଅଲିମ୍ପିକ୍ସ ପଦକ ବିଜେତା ପି.ଭି. ସିନ୍ଧୁ ଷୋଡ଼ଶ ପର୍ଯ୍ୟାୟରେ ପହଞ୍ଚିଛନ୍ତି । ଭାରତୀୟ ପୁରୁଷ ଯୋଡ଼ି ଚାଇନିଜ୍ ତାଇପେଇ ଯୋଡ଼ିକୁ ୨୨-୨୦, ୨୧-୧୩ରେ ପରାସ୍ତ କରିଥିବାବେଳେ ୧୬ତମ ପର୍ଯ୍ୟାରେ ଚୀନ୍ ପ୍ରତିପକ୍ଷଙ୍କ ସହ ମୁକାବିଲା କରିବେ ।

ସେହିପରି ପି.ଭି. ସିନ୍ଧୁ ମାଲେସିଆ ପ୍ରତିପକ୍ଷରୁ ୨୧-୧୯, ୨୧-୧୫ରେ ପରାସ୍ତ କରିଛନ୍ତି । ଭାରତର ମିକ୍ସଡ୍ ଡବଲ୍‌ସରେ ଧ୍ରୁବ୍ କପିଳା

ଏବଂ ତନିଶା କ୍ରାଷ୍ଟୋ ଆୟାର୍‌ଲାଣ୍ଡ ପ୍ରତିପକ୍ଷକୁ ପରାସ୍ତ କରି ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି ।

*****